# NATIONAL NEWS BULLETIN (ODIA)

**24 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ଇସ୍ରାଏଲ୍ ଗସ୍ତରେ ଯିବେ

- ସ୍ୱଚ୍ଛ ଭୋଟର ତାଲିକା ଦେଶର ଗଣତନ୍ତ୍ରର ମୂଳଦୁଆ, କହିଲେ ଭାରତର ମୁଖ୍ୟ ନିର୍ବାଚନ ଆୟୋଗ

- ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ ରାଜସ୍ଥାନକୁ ଆଜିଠାରୁ ୪ ଦିନିଆ ଗସ୍ତରେ ଯିବେ ରାଷ୍ଟ୍ରପତି

- ପଶ୍ଚିମବଙ୍ଗରେ ଏସ୍ଆଇଆର୍ ସଂକ୍ରାନ୍ତ ଆପତ୍ତି ଅଭିଯୋଗର ତଦାରଖ ପାଇଁ ନ୍ୟାୟିକ ଅଧିକାରୀଙ୍କୁ ନିୟୋଜିତ ଲାଗି କଲିକତା ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ଅନୁମତି

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ର ଆଜି ସନ୍ଧ୍ୟାରେ ସୁପର୍-ଏଇଟ୍ ପର୍ଯ୍ୟାୟରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

---

## ପିଏମ୍-ଇସ୍ରାଏଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ଦୁଇଦିନିଆ ଇସ୍ରାଏଲ୍ ଗସ୍ତରେ ଯିବେ । ତେଲ୍ ଏଭିଭ୍‌ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଇସ୍ରାଏଲ୍ ପ୍ରତିପକ୍ଷ

ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଏହାପରେ ଜେରୁଜେଲମ୍‌ଠାରେ କେତେକ କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ଯୋଗଦେବେ । ଇସ୍ରାଏଲ୍‌ରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଜେ.ପି. ସିଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗସ୍ତକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି । ଜେରୁଜେଲମ୍‌ଠାରେ ଆକାଶବାଣୀ ସହ ଏକ ସାକ୍ଷାତକାରରେ ଶ୍ରୀ ସିଂ କହିଛନ୍ତି, ଆତଙ୍କବାଦୀ ପ୍ରସଙ୍ଗରେ ଭାରତ ଓ ଇସ୍ରାଏଲ୍ ସମାନ ଆଭିମୁଖ୍ୟ ପୋଷଣ କରୁଛନ୍ତି। ଯେତେବେଳେ ଦୁଇଦେଶ କୌଣସି ଏକ ସଂକଟ ମଧ୍ୟରେ ଗତି କରନ୍ତି, ପରସ୍ପର ସହଯୋଗର ହାତ ବଢ଼ାଇଥାନ୍ତି ବୋଲି ଶ୍ରୀ ସିଂ କହିଛନ୍ତି ।

ଶ୍ରୀ ସିଂ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୭ରେ ଇସ୍ରାଏଲ୍ ଗସ୍ତ କରିଥିଲେ । ସେହିସମୟରେ ଉଭୟ ନେତା ଦ୍ୱିପାକ୍ଷିକ ସଂପର୍କକୁ ମଜବୁତ୍ କରିବା ଲାଗି ମୂଳଦୁଆ ପକାଇଥିଲେ । ବର୍ତ୍ତମାନ ସମୟ ଆସିଛି, ଦୁଇଦେଶ ମଧରେ ରଣନୈତିକ ଭାଗିଦାରୀକୁ ବଢ଼ାଇବା ସହ ସଂପର୍କକୁ ଏକ ନୂତନ ପର୍ଯ୍ୟାୟରେ ପହଞ୍ଚାଇବା ଦରକାର ବୋଲି ଶ୍ରୀ ସିଂ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସଂକ୍ରାନ୍ତରେ ସୂଚନା ଦେଇ ସେ କହିଛନ୍ତି ଯେ ଉଭୟ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ପରେ ଅନେକ ଚୁକ୍ତି ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି । ଭାରତୀୟ ରାଷ୍ଟ୍ରଦୂତ କହିଛନ୍ତି ଯେ, ଦୁଇଦେଶ ମଧ୍ୟରେ ଅଭିନବତ୍ୱ, ବିଜ୍ଞାନ ଓ ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା, ସାଇବର ନିରାପତ୍ତା, କ୍ୱାଣ୍ଟମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଲୋଚନା କେନ୍ଦ୍ରୀଭୂତ ହେବ ।

## ଇସିଆଇ-ରାଉଣ୍ଡଟେବୁଲ୍ ବୈଠକ

ସ୍ୱଚ୍ଛ ଭୋଟର ତାଲିକା ଯେକୌଣସି ଦେଶର ଗଣତନ୍ତ୍ର ପାଇଁ ମୂଳଦୁଆ ବୋଲି ଭାରତର ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର କହିଛନ୍ତି । ନୂଆଦିଲ୍ଲୀର

ଭାରତ ମଣ୍ଡପମ୍‌ରେ ଆଜି ଆୟୋଜିତ ଭାରତୀୟ ନିର୍ବାଚନ କମିଶନର ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ଜାତୀୟ ଗୋଲ୍‌ଟେବୁଲ୍ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର କହିଛନ୍ତି, ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ସାରା ଦେଶରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା-ଏସ୍‌ଆଇଆର୍ ଜାରି ରହିଛି । ପ୍ରଥମ ରାଜ୍ୟ ଭାବେ ବିହାରରେ ଆରମ୍ଭ କରାଯାଇଥିବା ଏସ୍‌ଆଇଆର୍ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଭାବେ ସମାପ୍ତ ହୋଇଛି । ଏହି ରାଜ୍ୟରୁ ସଂଶୋଧନ ପ୍ରକ୍ରିୟାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଆସିନଥିଲା । ଏହା ପରେ ବର୍ତ୍ତମାନ ୧୨ଟି ରାଜ୍ୟରେ ଏସ୍‌ଆଇଆର୍ ଚାଲିଛି । ସେଥିମଧ୍ୟରୁ ୧୧ଟି ରାଜ୍ୟ ସେମାନଙ୍କର ଭୋଟର ତାଲିକା ପ୍ରକାଶ କରିଛନ୍ତି ବୋଲି ଜ୍ଞାନେଶ କୁମାର କହିଛନ୍ତି ।

**V/O (Gyanesh Kumar)**

ମୁଖ୍ୟ ନିର୍ବାଚନ ଆୟୋଗ କହିଛନ୍ତି, ବର୍ତ୍ତମାନ ଇସିଆଇ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯିବା ଅତ୍ୟନ୍ତ ଆବଶ୍ୟକ ।

ଏହି ଅବସରରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂ ସାନ୍ଧୁ କହିଛନ୍ତି ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଏବଂ ନିର୍ବାଚନ ପ୍ରକ୍ରିୟାର ସର୍ବୋତ୍ତମ ଧାରା ବିଷୟରେ ଜାଣିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

ଅନ୍ୟତମ ନିର୍ବାଚନ କମିଶନର ଡକ୍ଟର ବିବେକ ଯୋଶୀ କହିଛନ୍ତି, ଦେଶର କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏସଆଇଆର୍‌ର ମୂଳଲକ୍ଷ୍ୟ ।

..............................................................................

## ପ୍ରେଜ୍ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ରାଜସ୍ଥାନକୁ ଚାରି ଦିନିଆ ଗସ୍ତରେ ଯିବେ। ରାଷ୍ଟ୍ରପତି ଆଜି ମୁମ୍ବାଇର ଲୋକଭବନରେ ପିଡି ହିନ୍ଦୁଜା ହସ୍ପିଟାଲ ଦ୍ୱାରା ଆୟୋଜିତ 'ଜୀବନ ବଞ୍ଚାନ୍ତୁ ଏବଂ ଏକ ସୁସ୍ଥ ଭାରତ ନିର୍ମାଣ କରନ୍ତୁ' ଶୀର୍ଷକ ଦେଶବ୍ୟାପୀ ଅଭିଯାନର ଶୁଭାରମ୍ଭ କରିବେ।

ଆସନ୍ତାକାଲି ରାଷ୍ଟ୍ରପତି ବୁଲଧାନାର ଶେଗାଓଁଠାରେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ 'ଜାତୀୟ ଆରୋଗ୍ୟ ମେଳା ୨୦୨୬'ରେ ଯୋଗଦେବେ। ଆସନ୍ତାକାଲି ରାଷ୍ଟ୍ରପତି ନାଗପୁରରେ ବ୍ରହ୍ମା କୁମାରୀମାନଙ୍କ ଦ୍ୱାରା ଆୟୋଜିତ 'ଏକତା ଏବଂ ଭରସା ମାଧ୍ୟମରେ ମହାରାଷ୍ଟ୍ରର ସ୍ୱର୍ଣ୍ଣ ଯୁଗ'ର ରାଜ୍ୟସ୍ତରୀୟ ଶୁଭାରମ୍ଭରେ ମଧ୍ୟ ଯୋଗଦେବେ। ରାଷ୍ଟ୍ରପତି ଗୁରୁବାର ଦିନ ଜାମସେଦପୁରର ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ ସମାରୋହରେ ଯୋଗଦେବେ। ଶ୍ରୀମତୀ ମୁର୍ମୁ ଜାମସେଦପୁରର ମଣିପାଲ ଟାଟା ମେଡିକାଲ କଲେଜ ପରିଦର୍ଶନ କରିବା ସମୟରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବେ।

---

## ଇସିଆଇ-ରାଉଣ୍ଡଟେବୁଲ୍ ବୈଠକ

ସ୍ୱଚ୍ଛ ଭୋଟର ତାଲିକା ଯେକୌଣସି ଦେଶର ଗଣତନ୍ତ୍ର ପାଇଁ ମୂଳଦୁଆ ବୋଲି ଭାରତର ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆଜି ଆୟୋଜିତ ଭାରତୀୟ ନିର୍ବାଚନ କମିଶନର ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ଜାତୀୟ ଗୋଲ୍‌ଟେବୁଲ୍ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ କୁମାର କହିଛନ୍ତି, ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ସହ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦେବା ପାଇଁ ସାରା ଦେଶରେ

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା-ଏସ୍‌ଆଇଆର୍ ଜାରି ରହିଛି । ପ୍ରଥମ ରାଜ୍ୟ ଭାବେ ବିହାରରେ ଆରମ୍ଭ କରାଯାଇଥିବା ଏସ୍‌ଆଇଆର୍ ପ୍ରକ୍ରିୟାକୁ ତ୍ରୁଟିଶୂନ୍ୟ ଭାବେ ସମାପ୍ତ ହୋଇଛି । ଏହି ରାଜ୍ୟରୁ ସଂଶୋଧନ ପ୍ରକ୍ରିୟାକୁ ନେଇ କୌଣସି ଆପତ୍ତି ଅଭିଯୋଗ ଆସିନଥିଲା । ଏହା ପରେ ବର୍ତ୍ତମାନ ୧୨ଟି ରାଜ୍ୟରେ ଏସ୍‌ଆଇଆର୍ ଚାଲିଛି । ସେଥିମଧ୍ୟରୁ ୧୧ଟି ରାଜ୍ୟ ସେମାନଙ୍କର ଭୋଟର ତାଲିକା ପ୍ରକାଶ କରିଛନ୍ତି ବୋଲି ଜ୍ଞାନେଶ କୁମାର କହିଛନ୍ତି ।

**V/O (Gyanesh Kumar)**

ମୁଖ୍ୟ ନିର୍ବାଚନ ଆୟୋଗ କହିଛନ୍ତି, ବର୍ତ୍ତମାନ ଇସିଆଇ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ କରାଯିବା ଅତ୍ୟନ୍ତ ଆବଶ୍ୟକ ।

ଏହି ଅବସରରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂ ସାନ୍ଧୁ କହିଛନ୍ତି ଭାରତୀୟ ନିର୍ବାଚନ କମିଶନ ଏବଂ ରାଜ୍ୟ ନିର୍ବାଚନ କମିଶନରଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରିବା ଏବଂ ନିର୍ବାଚନ ପ୍ରକ୍ରିୟାର ସର୍ବୋତ୍ତମ ଧାରା ବିଷୟରେ ଜାଣିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ।

ଅନ୍ୟତମ ନିର୍ବାଚନ କମିଶନର ଡକ୍ଟର ବିବେକ ଯୋଶୀ କହିଛନ୍ତି, ଦେଶର କୌଣସି ଯୋଗ୍ୟ ନାଗରିକ ଯେପରି ଭୋଟଦାନ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ହିଁ ଏସଆଇଆର୍‌ର ମୂଳଲକ୍ଷ୍ୟ ।

---

# ସୁପ୍ରିମକୋର୍ଟ-ଡବ୍ଲୁବି ଏସ୍‌ଆର୍

ପଶ୍ଚିମବଙ୍ଗରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର୍ ଲାଗି ୮୦ ଲକ୍ଷ ଭୋଟରଙ୍କ ଆପତ୍ତି ଓ ଅଭିଯୋଗ ସଂକ୍ରାନ୍ତରେ ତଦାରଖ କରିବା ପାଇଁ କଲିକତା ହାଇକୋର୍ଟର ମୁଖ୍ୟବିଚାରପତିଙ୍କୁ ସିଭିଲ୍ ଜଜ୍ ଏବଂ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ଓଡ଼ିଶାରୁ ନ୍ୟାୟିକ ଅଧିକାରୀଙ୍କୁ ଆଣି ନିଯୁକ୍ତ କରିବା ଲାଗି ସୁପ୍ରିମକୋର୍ଟ

ଅନୁମତି ଦେଇଛନ୍ତି । ଯାଞ୍ଚ ପ୍ରକ୍ରିୟା ଶେଷ କରିବା ଲାଗି ୮୦ ଦିନ ଆବଶ୍ୟକ ଥିବା ବେଳେ ଏହି କାର୍ଯ୍ୟ କରିବା ଲାଗି ୨୫୦ ଜଣ ଜିଲ୍ଲା ଜଜ୍‌ଙ୍କୁ ନିୟୋଜିତ କରିବା ସକାଶେ କଲିକତା ହାଇକୋର୍ଟ ମୁଖ୍ୟବିଚାରପତି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ । ସମୟର ସ୍ୱଳ୍ପତାକୁ ବିଚାରକୁ ନେଇ ସର୍ବୋଚ୍ଚ ଅଦାଲତ ଝାଡ଼ଖଣ୍ଡ ଓ ଓଡ଼ିଶାର ନ୍ୟାୟିକ ଅଧିକାରୀମାନଙ୍କୁ ଭୋଟରଙ୍କ ଆପତ୍ତି ଅଭିଯୋଗ କାର୍ଯ୍ୟରେ ନିୟୋଜିତ କରିବା ଲାଗି କଲିକତା ହାଇକୋର୍ଟଙ୍କୁ ଅନୁମତି ଦେଇଛନ୍ତି । ଦୁଇ ରାଜ୍ୟରୁ ନିୟୋଜିତ ହୋଇଥିବା ନ୍ୟାୟିକ ଅଧିକାରୀମାନଙ୍କ ଖର୍ଚ୍ଚ ବହନ କରିବା ଲାଗି ନିର୍ବାଚନ ଆୟୋଗଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ଚଳିତ ମାସ ୨୮ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିବା ଏବଂ ଅତିରିକ୍ତ ତାଲିକା ପ୍ରଦାନ କରିବା ଲାଗି ସୁପ୍ରିମକୋର୍ଟ ନିର୍ବାଚନ ଆୟୋଗଙ୍କୁ ଅନୁମତି ଦେଇଛନ୍ତି ।

## ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟ

ଚଳିତ ଆର୍ଥିକବର୍ଷର ତୃତୀୟ ତ୍ରୟମାସିକରେ ଦେଶର ଅର୍ଥନୀତି ୮ ଦଶମିକ ୧ ପ୍ରତିଶତ ଅଭିବୃଦ୍ଧି ହାସଲ କରିଥିବା ଆକଳନ କରାଯାଇଛି । ଭାରତୀୟ ଷ୍ଟେଟବ୍ୟାଙ୍କ ଦ୍ୱାରା ଆଜି ପ୍ରକାଶିତ ଗବେଷଣା ରିପୋର୍ଟ ଅନୁଯାୟୀ, ୨୦୨୫ ଡିସେମ୍ବର ୩୧ରେ ଶେଷ ହୋଇଥିବା ତ୍ରୈମାସିକରେ ଆର୍ଥିକ କାର୍ଯ୍ୟକଳାପ ସ୍ଥିର ରହିଥିବା ଉଚ୍ଚ ଫ୍ରିକୁଏନ୍ସୀ ସୂଚକଗୁଡ଼ିକ ଦର୍ଶାଇଛି । ଏସ୍‌ବିଆଇ ରିସର୍ଚ୍ଚ ରିପୋର୍ଟରେ କୁହାଯାଇଛି ଯେ, ଗ୍ରାମାଞ୍ଚଳରେ ଲୋକମାନଙ୍କ ଖର୍ଚ୍ଚ କରିବାର ଶକ୍ତି ଦୃଢ଼ ରହିଛି, ଯାହା କୃଷି ଓ ଅଣକୃଷି କ୍ଷେତ୍ରର ଉତ୍ସାହଜନକ ସ୍ଥିତିକୁ ସୂଚାଉଛି ।

ସେହିପରି ଗତ ପାର୍ବଣ ଋତୁଠାରୁ ସହରାଞ୍ଚଳରେ ଉପଭୋଗ କ୍ଷମତାରେ ସ୍ଥିର ଭାବେ ବୃଦ୍ଧି ପରିଲକ୍ଷିତ ହୋଇଛି ।

# ଭିପି- ଟୁରିଜିମ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ନୂଆଦିଲ୍ଲୀଠାରେ ଆମେରିକା-ଭାରତ ରଣନୈତିକ ସହଭାଗୀ ମଞ୍ଚ ପକ୍ଷରୁ ଆୟୋଜିତ ଟୁରିଜିମ୍ ଲିଡରସିପ୍ ସମିଟ୍-୨୦୨୬କୁ ଉଦ୍‌ଘାଟନ କରିଛନ୍ତି । ସମ୍ମିଳନୀକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି,  ପର୍ଯ୍ୟଟନ ଶିଳ୍ପଠାରୁ ବହୁ ଉର୍ଦ୍ଧ୍ୱରେ ରହିଥିବା ବେଳେ ଏହା ସଂସ୍କୃତି ଓ ଅର୍ଥନୈତିକ ସୁଯୋଗ ମଧ୍ୟରେ ଏକ ସେତୁ ଭଳି କାମ କରୁଛି । ଭାରତ-ଆମେରିକା ଅର୍ଥନୈତିକ କରିଡର ପାଇଁ ପର୍ଯ୍ୟଟନ ଏକ ଶକ୍ତିଶାଳୀ ଅସ୍ତ୍ର ଭାବେ ସୂକ୍ଷ୍ମ କୂଟନୀତି   ହୋଇପାରିଛି । ପର୍ଯ୍ୟଟନ ଏବେ ସବୁଠାରୁ ବୃହତ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର ଭାବେ ଉଭା ହୋଇଛି ।

---

# ଇପିଏଫ୍-ରିଫଣ୍ଡ

ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ, ସକ୍ରିୟ ନ ଥିବା କର୍ମଚାରୀଙ୍କ ଭବିଷ୍ୟନିଧି ପାଣ୍ଠି ସଂଗଠନ – ଇ.ପି.ଏଫ୍.ଓ.  ଆକାଉଣ୍ଟରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜମା ଥିବା ଅର୍ଥ ଫେରସ୍ତ କରିବା ଲାଗି ନିଷ୍ପତ୍ତି ନେଇଛି । ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ଅର୍ଥ ରାଶି ସିଧାସଳଖ ଗ୍ରାହକଙ୍କ ଆଧାର-ସଂଯୋଗ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରାଯିବ। ଫେରସ୍ତ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ହିତାଧିକାରୀମାନଙ୍କୁ କୌଣସି ଦାବି କିମ୍ବା ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ। ଯଦି କ୍ରମାଗତ ତିନି ବର୍ଷ ଧରି କୌଣସି ଇ.ପି.ଏଫ୍.ଓ. ଆକାଉଣ୍ଟରେ କାରବାର ହୋଇ ନ ଥିବା ତାହା ଆପେ ନିଷ୍କ୍ରିୟ ହୋଇଥାଏ ।  ରିପୋର୍ଟ୍ ଅନୁଯାୟୀ ବର୍ତ୍ତମାନ ଛଅ ଲକ୍ଷରୁ ଅଧିକ ନିଷ୍କ୍ରିୟ ଆକାଉଣ୍ଟଗୁଡ଼ିକରେ  ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜମାରାଶି ରହିଥିବା ଜଣାପଡ଼ିଛି ।

---

# ୱାର୍ଲ୍ଡକପ୍-କ୍ରିକେଟ୍

ଆଇସିସି ପୁରୁଷ ଟି-୨୦ କ୍ରିକେଟ ବିଶ୍ୱକପରେ ଆଜି ସୁପର୍-ଏଇଟ୍ ଗ୍ରୁପ୍-ଟୁ' ମ୍ୟାଚ୍‌ରେ ଇଂଲଣ୍ଡ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଶ୍ରୀଲଙ୍କାର ପାଲେକେଲ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ସନ୍ଧ୍ୟା ୭ ଟାରେ ମ୍ୟାଚ୍ ଖେଳାଯିବ । ।

ଗତକାଲି ରାତିରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଅନୁଷ୍ଠିତ ସୁପର୍-ଏଇଟ୍ ଗ୍ରୁପ୍-ୱାନ୍ ପର୍ଯ୍ୟାୟରେ ୱେଷ୍ଟଇଣ୍ଡିଜ୍ ୧୦୭ ରନରେ ଜିମ୍ବାୱେକୁ ପରାସ୍ତ କରିଛି। ୱେଷ୍ଟଇଣ୍ଡିଜ୍ ଦ୍ୱାରା ଧାର୍ଯ୍ୟ ୨୫୫ ରନର ବିଜୟ ଲକ୍ଷ୍ୟର ପିଛା କରି ଜିମ୍ବାୱେ ମାତ୍ର ୧୭ ଓଭର ୪ଟି ବଲ୍‌ରେ ୧୪୭ ରନ କରିଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୫୪ ରନ କରିଥିଲା।